ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ

...

ସଂଖ୍ୟା : 13952 /ସା: ତାରିଖ 5. 8. 86.

ପ୍ରାପ୍ତେଷୁ :

ଖାଦ୍ୟ ଓ ଯୋଗାଣ ବିଭାଗ /
ଶିକ୍ଷା ଓ ଯୁବକଲ୍ୟାଣ ବିଭାଗ /
ରାଜସ୍ୱ ଓ ଅବକାରୀ ବିଭାଗ /
ବାଣିଜ୍ୟ ଓ ପରିବହନ ବିଭାଗ /
ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ ବିଭାଗ /
ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ

ବିଷୟ :- ସଚିବାଳୟସ୍ଥ ସହାୟକମାନଙ୍କର ବିଭିନ୍ନ ବିଭାଗ ଅଧୀନରେ ଥିବା ଅନ୍ୟ ପଦବୀଗୁଡିକରେ ନିଯୁକ୍ତି ସମ୍ବନ୍ଧୀୟ ।

ନିମ୍ନ ସ୍ୱାକ୍ଷରକାରୀ ନିର୍ଦ୍ଦେଶକ୍ରମେ ଜଣାଉଅଛନ୍ତି ଯେ ପ୍ରଶାସନିକ ବିଭାଗମାନେ ସାମୟିକ ଅବସ୍ଥିତିକୁ ଭିତ୍ତି କରି ସେହି ସେହି ବିଭାଗରେ କାର୍ଯ୍ୟକରୁଥିବା ସହାୟକମାନଙ୍କ ମଧ୍ୟରୁ ପ୍ରାର୍ଥୀ ମନୋନୟନ କରି ଉକ୍ତ ବିଭାଗ ଅଧୀନରେ ଥିବା ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ଦେଇ ଆସୁଛନ୍ତି । ବର୍ତ୍ତମାନ ସଚିବାଳୟସ୍ଥ ସହାୟକମାନେ ଏକ କ୍ୟାଡରଭୁକ୍ତ ହୋଇଅଛନ୍ତି ଏବଂ ଏହି କ୍ୟାଡରକୁ ସ୍ୱରାଷ୍ଟ୍ର ବିଭାଗ ନିୟନ୍ତ୍ରଣ କରୁଅଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ବିଭାଗର ମତାମତ ନେଇ ସହାୟକମାନଙ୍କୁ ଯେ କୌଣସି ବାହ୍ୟ ପଦବୀଗୁଡିକ ପାଇଁ ପଦୋନ୍ନତି / ନିଯୁକ୍ତି ଦେବା ଉଚିତ ହେବ ।

ସଚିବାଳୟର ସବୁ ବିଭାଗରେ କାର୍ଯ୍ୟ କରୁଥିବା ସହାୟକମାନେ ଗୋଟିଏ କ୍ୟାଡରଭୁକ୍ତ ହୋଇଥିବା ଦୃଷ୍ଟିରୁ କୌଣସି ବିଭାଗରେ ସାମୟିକ ଅବସ୍ଥିତିକୁ ଭିତ୍ତି କରି କୌଣସି ପଦବୀକୁ ପଦୋନ୍ନତି ଦେବା ସମୀଚୀନ ନୁହେଁ । ଏତଦ୍‌ବ୍ୟତୀତ ଏଭଳିନିଯୁକ୍ତି / ପଦୋନ୍ନତି ଆଇନତଃ ସୁସଂଗତକି ନୁହେଁ ତାହା ମଧ୍ୟ ଦେଖାଯିବା ଆବଶ୍ୟକ ।

ଉପର୍ଯ୍ୟୁକ୍ତ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ପ୍ରଶାସନିକ ବିଭାଗମାନେ ସଚିବାଳୟର ସହାୟକମାନଙ୍କର ବାହ୍ୟ ପଦୋନ୍ନତି/ ନିଯୁକ୍ତି ବିଷୟ ବିଚାର କଲାବେଳେ ସାମୟିକ ଅବସ୍ଥିତିକୁ ଅବଜ୍ଞା କରି ବରିଷ୍ଠତା ଓ ଯୋଗ୍ୟତା ଦୃଷ୍ଟିରୁ ଯେଉଁମାନେ ଉପଯୁକ୍ତ ସେହିମାନଙ୍କୁ ସ୍ୱରାଷ୍ଟ୍ର ବିଭାଗଙ୍କ ସହ ପରାମର୍ଶକ୍ରମେ ନିଯୁକ୍ତି ଦେବା ପାଇଁ ଅନୁରୋଧ କରାଯାଉଅଛି ।

ସ୍ୱତନ୍ତ୍ର ଶାସନ ସଚିବ ।

ଅ.ପ୍ର.ବ.

26



ଜ୍ଞାପକ ସଂଖ୍ୟା : 13933 /ସା : ତାରିଖ 5.8.86

ଏହାର ନକଳିତା ନକଲ ସ୍ୱରାଷ୍ଟ୍ର ବିଭାଗକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା ।

ସ୍ୱତନ୍ତ୍ର ଶାସନ ସଚିବ ।

ଜ୍ଞାପକ ସଂଖ୍ୟା : 13934 7ସା : ତାରିଖ 5.8.86

ଏହାର ଏକକିତା ନକଲ ସରକାରଙ୍କର ଅନ୍ୟାନ୍ୟ ସମସ୍ତ ବିଭାଗମାନଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା ।

ସ୍ୱତନ୍ତ୍ର ଶାସନ ସଚିବ ।

ଆଲୀ :